# OFFICE OF THE TAHASILDAR: JHARIGAM

Email Id: tah.jhari@gmail.com

Letter No 1742/2018 (Touzi)

Date: 04 . 08 .2018

To

The District Information Officer
Nabarangpur. Dist: Nabarangpur

Sub: Requesting for publication of Sairat Sources for auction sale for long term lease in the District Website.

Sir,

I would like to request you to take necessary steps for wide publication by uploading the details of Sairat Sources which to be auctioned by tendering process for long term lease with in the stipulated period.

Enclosure: Detail Advertisement

Yours faithfully

4/8/2018

Tahasildar, Jharigam.

4/8

Memo No. 1743/2018

Dtd: 04.08.2018

Copy submitted to the A.D.M, Nabarangpur/Sub-Collector, Nabarangpur for favour of your kind information and necessary action.

4/8/2018

Tahasildar, Jharigam.

4/8

Scanned by CamScanner

# ତହସିଲଦାରଙ୍କ କାର୍ଯ୍ୟାଳୟ, ଝରିଗାଁ

## ଦୀର୍ଘମିଆଦି ନିମନ୍ତେ ନିଲାମ ଇସ୍ତାହାର

ପତ୍ର ସଂଖ୍ୟା: ୧୭୪। /୨୦୧୮ ତା: ୦୪.୦୯.୨୦୧୮

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଝରିଗାଁ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସାତ ଗୋଟି ପଥର ଖାଦାନ ଓ ଦୁଇଗୋଟି ବାଲି ଶଯ୍ୟା /ସୈରାତ ଉସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ( ୨୦୧୮-୧୯ ଠାରୁ ୨୦୨୨-୨୩ ) ଆର୍ଥିକ ବର୍ଷ ପର୍ଯ୍ୟନ୍ତ, ନିଲାମ ପାଇଁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ ୨୮.୦୯.୧୮ ଅଟେ। ଓଡିଶା ସରକାର ଇସ୍ପାତ ଓ ଖଣି ବିଭାଗ S.R 10 No: 443/2014 ପ୍ରକାରେ ଇଚ୍ଛୁକ ଆବେଦନକାରୀ/ବ୍ୟକ୍ତିବିଶେଷ (OMMC Rules-2016) ଦ୍ୱାରା ପ୍ରଣୀତ Form-M ପୂରଣ କରି ୩ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ ( ଲଫାପା ଉପରେ ସୈରାତ ଉସର ନାମ ଲେଖା ଥିବା ଆବଶ୍ୟକ)। ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ଘ: ୫.୦୦ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ (ତହସିଲଦାର) ଝରିଗାଁ ଙ୍କର ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ:-**

୧. ଦରଖାସ୍ତ ଦେୟ/ ପାଉଣା ବାବଦକୁ ଟ. ୧୦୦୦(ଏକ ହଜାର)ଙ୍କ। (ଅଣଫେରସ୍ତ)ର ଟ୍ରେଜେରୀ ଚାଲାଣ ।

୨. ସୈରାତ ଉସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ଲିଜଧାରୀ ନୋଟିସ ମଧ୍ୟରେ ଉଲ୍ଲେଖ କରିଥିବା ସୈରାତ ଉସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣର ରୟାଲଟି ଏବଂ ଅତିରିକ୍ତ ଦାବୀ (5% Additional Charges)ର ପାଞ୍ଚ ପ୍ରତିଶତ ଡିମାଣ୍ଡ ଡ୍ରାଫ୍ଟ ତହସିଲଦାର ଝରିଗାଁଙ୍କ ନାମରେ ଅମାନତ ରାଶି Form-M ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜଧାରୀ ୧୫ ଦିନ ମଧ୍ୟରେ OMMC Rules-2016 ନିୟମ -୨୭ ର ଉପଧାରା -୭ ଅନୁଯାୟୀ ବଳକା ଅମାନତ ରାଶି ପଇଠ କରିବେ ।

୪. ରାଜସ୍ୱ ଅଧିକାରୀଙ୍କଠାରୁ ଶୋଧକ୍ଷମତା ପ୍ରମାଣପତ୍ର (Solvency Certificate) ସହ ସ୍ଥାବର ସମ୍ପତିର ପ୍ରମାଣପତ୍ର କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ଅବଧି ୧୮ ମାସ ଠାରୁ ଅଧିକ ହୋଇନଥିବ ଏବଂ ଉଲ୍ଲେଖ କରାଯାଇଥିବା ବାର୍ଷିକ ନିଶ୍ଚିତ ପରିମାଣର ରୟାଲଟି ଏବଂ ଅତିରିକ୍ତ ଦାବିର ପରିମାଣ ଠାରୁ କମ ହୋଇନଥିବ OMMC Rules-2016ରେ ନିୟମ -୨୭ ର ଉପଧାରା -୪(iv)

୫. ଦରଖାସ୍ତକାରୀ ତାଙ୍କର ଆଧାରକାର୍ଡ ଓ ପାନକାର୍ଡ ଦରଖାସ୍ତସହ ସଂଲଗ୍ନକରିବେ।

Scanned by CamScanner

**ବିଶେଷ ସର୍ତ୍ତାବଳୀ :-**

୧. ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳି ୨୦୧୬ OMMC Rules-2016 ଏବଂ Manual of Tahasil Account ର ପରିସର ଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲଟିର ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ( ଯାହାକି ପ୍ରଚଳିତ ରୟାଲଟିର ୫% ପରିମାଣରୁ ଅଧିକ ହୋଇଥିବ । ଉଲ୍ଲେଖ କରାଯାଇଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତାହାହେଲେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନକରାଯିବ ।

୩. ତହସିଲଦାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଉକ୍ତ ଛଅ ଗୋଟି ପଥର ଖାଦାନ ର ( ନିମ୍ନ ତାଲିକାର କ୍ରମିକ ସଂଖ୍ୟା: ୧ ରୁ ୬) ସୈରାତ ଉପର ମାଇନିଙ୍ଗ ପ୍ଲାନ ୨୦୧୫-୧୬ ଠାରୁ ୨୦୧୯-୨୦ ପର୍ଯ୍ୟନ୍ତ କରାଯାଇଅଛି ମୂଲ୍ୟ ଟ. ୪୫,୮୦୦/- ( ପ୍ରତି ମାଇନିଙ୍ଗ ପ୍ଲାନର ମୂଲ୍ୟ) ପଇଠ କରିବାପାଇଁ ହେବ । ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଏବଂ ପ୍ରଚଳିତ ରୟାଲଟିକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପଇଠ କରିବେ । ସମ୍ପୃକ୍ତ ରାଶି ପଇଠ ହେଲାପରେ ଓଡ଼ିଶା ରେଜିଷ୍ଟ୍ରେସନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ-୧୮୯୯ ଅନୁଯାୟୀ ସମ୍ପୃକ୍ତ ସୈରାତ ଉପର ଚୁକ୍ତି ପତ୍ର Form No-N (Lease Deed) ତିନି ସପ୍ତାହ ମଧ୍ୟରେ ସମ୍ପାଦନ କରିବେ ନଚେତ ଜାରିକରାଯାଇଥିବା ହୁକୁମନାମା ରଦ୍ଦ କରାଯିବା ସହ ସମ୍ପୃକ୍ତ ସୁରକ୍ଷା ପାଣ୍ଠି (security deposit) ବ୍ୟାଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠିରେ ଜମା କରାଯିବ ।

୪. ଯଦି ସର୍ବୋଚ୍ଚ ଅତିରିକ୍ତ ଦାବି(additional charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୫. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦାବି (additional charges) ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୬. ନୀଲାମଧାରୀମାନେ OMMC Rules-2016 ରେ ଥିବା ନିୟମ-୨୭ ର ୧ ରୁ ୧୭ ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୭. ଲିଜଧାରୀ ବାର୍ଷିକ Surface Rent, Deed Rent, ରୟାଲଟି, ଅତିରିକ୍ତ ଦାବି, ଜମା ରୟାଲଟିର ୨% ଅର୍ଥ ଆୟକର ବାବଦକୁ, ୧୦% ଅର୍ଥ ଜିଲ୍ଲା ମିନେରାଲ ପାଣ୍ଠିକୁ, ୫% ଅର୍ଥ ରାଜ୍ୟ ପରିବେଶ ପରିଚାଳନା ପାଣ୍ଠିକୁ ଓ ୫% ଅର୍ଥ Compensatory Afforestation Fees ବାବଦକୁ ଅର୍ଥ

Scanned by CamScanner

ଅଗ୍ରୀମ ଆକାରରେ ଜମା କରିବେ (OMMC Rules-2016 ରେ ଥିବା ନିୟମ-୨୭ ର ୭ ଓ ନିୟମ-୩୨ର ୩ )।

୮. ଦରଖାସ୍ତକାରୀ Mines Act-1952 ଏବଂ Explosive Act-1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୯. ଦରଖାସ୍ତକାରୀ ପ୍ରତି ବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

୧୦. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ସୁରକ୍ଷା ଦୂରୀକରଣ ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ ପ୍ରଦାନକାରୀ ( ତହସିଲଦାର ) ସରକାରୀ ଦେୟରେ ଏ ସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତ୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ ଅସୁଲ କରାଯିବ ।

୧୧. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ପଦାର୍ଥର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୂତ ପରିମାଣ (Annual Minimum Guaranteed Quantity, Total Royalty, Additional Royalty, Dist. Mineral Fund/State Mineral Fund ) ବାବଦ ଦେୟର ମୋଟ ପରିମାଣର ୨୫% EMD ଦାଖଲ କରିବେ । ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ଟ୧୦,୦୦୦ /-(ଦଶ ହଜାର) ଟଙ୍କା ଅମାନତ ରୂପେ ଜମାକରିବେ ( ଦ୍ରଷ୍ଟବ୍ୟ: ନିୟମ-୪୨ ) ।

୧୨. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜଧାରୀ ଲିଜ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବ୍ୟାଜ୍ୟାପ୍ତ କରାଯିବ ।

୧୩. ଜିଲ୍ଲାପାଳ ଓ ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେକୌଣସି ସମୟରେ ଲିଜକୁ ନାକଚ କରିପାରିବେ।

୧୪. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁ ବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରିଙ୍କ ଉତ୍ତରାଧିକାରୀ ଅଥବା ଆଇନ ଗତ ପ୍ରତିନିଧି ମାନେ ପୁନଶ୍ଚ ଲିଜ ରାଜିନାମାକରୀ ସମ୍ପୃକ୍ତ ଖଣି ଲିଜ ପରିଚାଳନା କରିପାରିବେ ।

୧୫. ଚୟନ ହୋଇଥିବା ସମସ୍ତ ଲିଜଧାରି ଓଡିଶା ଲଘୁ ଖଣିଜ ରିହାତି ନିୟମ-୨୦୧୬ ଧାରା ୨୭,୨୮,୨୯,୩୦,୩୧,୩୨ ଓ ୩୩ ର ସମସ୍ତ ଉପଧାରାର ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୬. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀ ମାନେ ବର୍ଦ୍ଧିତ ଧାରାରେ ରୟାଲଟି ପଇଠ କରିବା ପାଇଁ ବାଧ୍ୟ ।

୧୭. ମାଇନିଙ୍ଗ ପ୍ଲାନ ୨୦୧୫-୧୬ ଠାରୁ ୨୦୧୯-୨୦ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଛି, ଏଥିବାବଦକୁ ପ୍ରାପ୍ୟ ଟ ୪୫,୮୦୦/-ଙ୍କା ପଇଠ କରିବାକୁ ପଡିବ ।

୧୮. ଇସ୍ତାହାର ପ୍ରକାଶନ ଖର୍ଚ୍ଚ ଲିଜଧାରୀ ସମାନୁପାତରେ ବହନ କରିବେ ।

Scanned by CamScanner

ଆବେଦନ ଫର୍ମ, ନିୟମାବଳୀ ସମ୍ବଳିତ ସରକାରୀ ବିଜ୍ଞପ୍ତି, ସର୍ତ୍ତାବଳୀ ଓ ସୈରାତ ଉତ୍ସ ଗୁଡିକର ବିଷଦ ବିବରଣୀ website www.nabarangpur.nic.in ରେ ଉପଲବ୍ଧ ଅଟେ । ନିର୍ଦ୍ଧାରିତ ତାରିଖ ଧାର୍ଯ୍ୟ ସମୟ ଓ ଦିନ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ତା: ୨୯.୦୯.୧୮ ରିଖ ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଥିବା ଆବେଦନ ପତ୍ର ଗୁଡିକ ଖୋଲାଯିବା ଏବଂ ଓଡିଶା ଗୌଣ ଖଣିଜ ଆଇନ -୨୦୧୬ ମୁତାବକ ନିଲାମ ଚୁଡାନ୍ତ କରାଯିବ । ଉକ୍ତ ଦିବସରେ ଆବେଦନକାରୀ ଅଥବା ତାଙ୍କଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଉପସ୍ଥିତ ରହିପାରିବେ ।

## ନିଲାମ ହେବାକୁ ଥିବା ସୈରାତ ଉତ୍ସ ଗୁଡିକର ତାଲିକା

| କ୍ର: ସଂ | ସୈରାତ ମାମଲା ସଂଖ୍ୟା | ସୈରାତ ଉତ୍ସ ଗୁଡିକର ନାମ | ସୈରାତ ଉତ୍ସ ଗୁଡିକର ବିସ୍ତାରିତ ବିବରଣୀ | | | | ପରିମାଣ ଏକ ବର୍ଷ ପାଇଁ | ସର୍ବନିମ୍ନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଘନ ମିଟର ପ୍ରତି | ୫% ଅତିରିକ୍ତ ଦାବୀ | ଦରଖାସ୍ତର ଅନ୍ତିମ ତାରିଖ |
|---|---|---|---|---|---|---|---|---|---|---|
| | | | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ରକବା (ଏକର ) | | | | |
| ୧ | ୩/୧୫ | କୁତ୍ରିଛପର ପଥର ଖାଦାନ | ୨୦୦ | ୯୫୫ | ପଥର ବଣୀ | ଏ.୧.୬୧ | ୧୨୦୦ ଘନ ମିଟର | ୧୩୦/- | ୬.୫୦ | ୨୮.୦୯.୧୮ |
| ୨ | ୫/୧୫ | ଭେଜିଗୁଡା ପଥର ଖାଦାନ | ୧୦୮ | ୪୩୭ | ପର୍ବତ | ଏ.୪୮.୫୦ | ୨୪୦୦ ଘନ ମିଟର | ୧୩୦/- | ୬.୫୦ | ୨୮.୦୯.୧୮ |
| ୩ | ୧୨/୧୫ | କେନ୍ଦୁଗୁଡା-୧ ପଥର ଖାଦାନ | ୨୭ | ୧୩୬ | ପଥର ବଣୀ | ଏ୧.୧୧ | ୯୦୦ଘନ ମିଟର | ୧୩୦/- | ୬.୫୦ | ୨୮.୦୯.୧୮ |
| ୪ | ୧୮/୧୫ | କେନ୍ଦୁଗୁ ଡା-୩ ପଥର ଖାଦାନ | ୨୭ | ୧୩୫ | ପଥର ବଣୀ | ଏ.୦.୬୪ | ୪୫୦ ଘନ ମିଟର | ୧୩୦/- | ୬.୫୦ | ୨୮.୦୯.୧୮ |
| ୫ | ୧୯/୧୫ | କେନ୍ଦୁଗୁଡା-୨ ପଥର ଖାଦାନ | ୨୭ | ୧୫୩ | ପଥର ବଣୀ | ଏ.୦.୯୬ | ୩୬୮ ଘନ ମିଟର | ୧୩୦/- | ୬.୫୦ | ୨୮.୦୯.୧୮ |
| ୬ | ୧୭/୧୫ | ଜାମ୍ବଗୁଡ ପଥର ଖାଦାନ | ୯୫ | ୧୦୩ ୨ | ପଥର ଚଟାଣ | ଏ.୫.୩୮ | ୧୫୮୦ ଘନ ମିଟର . | ୧୩୦/- | ୬.୫୦ | ୨୮.୦୯.୧୮ |
| ୭ | ୧୫/୧୫ | ସାନଟେମେରା ପଥର ଖାଦାନ | ୫୭ | ୬୪୫ ଓ ୬୫୩ | ପାହାଡ | ଏ.୩୧.୮୨ ଓ ଏ.୩୪.୧୨ | | ୧୩୦/- | ୬.୫୦ | ୨୮.୦୯.୧୮ |
| ୮ | ୮/୧୫ | କୋଦଭଟ୍ଟା ବାଲି ଶଯ୍ୟା | ୬୧/୨ | ୨୧ | ନଦୀ | ଏ.୩.୬୫ | | ୩୫/- | ୧.୭୫ | ୨୮.୦୯.୧୮ |
| ୯ | ୯/୧୫ | ଧୋଡ୍ରା ବାଲି ଶଯ୍ୟା | ୭୫/୨ | ୧୫୪ | ନଦୀ | ଏ.୮.୪୨ | | ୩୫/- | ୧.୭୫ | ୨୮.୦୯.୧୮ |

ତହସିଲଦାର, ଝରିଗାଁ